بِسۡمِ اللّٰہِ الرَّحۡمٰنِ الرَّحِیۡمِ

୩ ଜାନୁଆରୀ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ୱକ୍‌ଫେ ଜଦିଦ୍‌ର ୬୭ତମ ବର୍ଷରେ ଜମାଅତ ଅହେମଦିୟାର ଶ୍ରଦ୍ଧାଳୁମାନଙ୍କ ଅର୍ଥଦାନର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ଏବଂ ୬୮ତମ ବର୍ଷ ଶୁଭାରମ୍ଭ ହେବାର ଘୋଷଣା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱର[ଅ.ବ] ସୁରେ ଆଲେ ଇମ୍ରାନ୍ ଆୟତ ସଂଖ୍ୟା ୯୩ର ଆବୃତ୍ତି କରିବା ପରେ ତାହାର ଅନୁବାଦ ଉପସ୍ଥାପନ କଲେ, "ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜ ପ୍ରିୟ ବସ୍ତୁମାନଙ୍କ ବ୍ୟୟ ନକରିବା ପର୍ଯ୍ୟନ୍ତ ତୁମେମାନେ କଦାପି ସମ୍ପୂର୍ଣ୍ଣ ପୁଣ୍ୟ ଅର୍ଜନ କରିପାରିବ ନାହିଁ । ଏବଂ ତୁମେମାନେ ଯାହାକିଛି ବ୍ୟୟକର ଅଲ୍ଲାଃ ତାହାକୁ ଭଲ ରୂପେ ଜାଣନ୍ତି ।" ଜଣେ ପ୍ରକୃତ ବିଶ୍ୱାସକାରୀ ଯେ ପରମେଶ୍ୱରଙ୍କ ମାର୍ଗର ଅନ୍ୱେଷଣ କରୁଥାଏ ତାହାକୁ ସେହି ମାର୍ଗର ଅନ୍ୱେଷଣ କରିବା ଉଚିତ୍ ଯାହାକି ପ୍ରଭୁଙ୍କ ନିକଟତର ହେବାର ମାର୍ଗ ଅଟେ । ପ୍ରଭୁଙ୍କ ମାର୍ଗରେ (ନିଜ) ଧନ ବ୍ୟୟ କରିବାକୁ ମଧ୍ୟ ପୁଣ୍ୟ ଓ ସତ୍‌କର୍ମରେ ଅନ୍ତର୍ଭୁକ୍ତ କରାଯାଇଛି । ଉପରୋକ୍ତ ଆୟତରେ ମଧ୍ୟ ଏହି ବିଷୟବସ୍ତୁ ବର୍ଣ୍ଣିତ ହୋଇଛି ଯେ, ସେହି ଧନ ଯାହାକୁ ତୁମେ ପ୍ରେମ କରୁଅଛ, ଯଦି ତାହାକୁ ତୁମେ ପ୍ରଭୁଙ୍କ ମାର୍ଗରେ ଖର୍ଚ୍ଚ କରିବ ତେବେ ତାହା ତୁମ ପକ୍ଷେ ବହୁତ ବଡ଼ ପୁଣ୍ୟ ହେବ । ନିଃସନ୍ଦେହରେ ଅଲ୍ଲାଃତାଲା ପ୍ରତ୍ୟେକ ସତ୍‌କର୍ମର ପ୍ରତିଫଳ ପ୍ରଦାନ କରିଥାନ୍ତି, କିନ୍ତୁ ଯେହେତୁ ମନୁଷ୍ୟକୁ ଧନସମ୍ପତ୍ତି ସହିତ (ଅତ୍ୟଧିକ) ପ୍ରେମ ଓ ଲାଳସା ଲାଗି ରହିଥାଏ ତେଣୁ ଏଥିପ୍ରତି (ତାହାର) ବିଶେଷ ଧ୍ୟାନ ଆକର୍ଷିତ କରାଯାଇଛି ।

ହଜରତ ମସିହ ମଉଦ[ଅ.ସ] ଏହି ଆୟତ ସଂକ୍ରାନ୍ତରେ କୁହନ୍ତି; ଧନରତ୍ନ ପ୍ରତି ଏତେ ଲୋଭ ଓ ଅନୁରାଗ ହେବା ଉଚିତ୍ ନୁହେଁ । ପବିତ୍ର କୁରଆନରେ ଅଲ୍ଲାଃତାଲା କହିଛନ୍ତି; ତୁମେମାନେ କଦାପି ସମ୍ପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ, ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜ ପ୍ରିୟ ବସ୍ତୁଗୁଡ଼ିକର ବ୍ୟୟ କରି ନାହଁ । ଯଦି ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଯୁଗ ସହିତ ଚଳିତ ଯୁଗର ତୁଳନା କରାଯାଏ ତେବେ ମନୁଷ୍ୟ ଦୁଃଖିତ ଓ ଅନୁତପ୍ତ ହୁଏ । କାରଣ ନିଜ ପ୍ରାଣ ଠାରୁ ବଳି ଅମୂଲ୍ୟ ଅନ୍ୟ କିଛି ନୁହେଁ । ଆଉ ସେହି କାଳରେ (ସାହାବାମାନଙ୍କୁ) ନିଜ ପ୍ରାଣବଳୀ ଦେବାକୁ ପଡୁଥିଲା । ତୁମମାନଙ୍କ ପରି ସେମାନଙ୍କର ମଧ୍ୟ ସ୍ତ୍ରୀପିଲା ଥିଲେ, ସମସ୍ତଙ୍କୁ ନିଜ ଜୀବନ ପ୍ରିୟ । କିନ୍ତୁ ସେମାନେ ସର୍ବଦା ସେହି ଅବସର ପାଇବାର ଅଭିଳାଷୀ ଥିଲେ ଯେ, ସୁଯୋଗ ମିଳିଲେ ଆମେ ପ୍ରଭୁଙ୍କ ମାର୍ଗରେ ନିଜ ପ୍ରାଣର ଆହୁତି ଦେଇଦବୁ । ହୁଜୁର[ଅ.ସ] କହିଲେ; ଅନାବଶ୍ୟକ ଓ ନିରର୍ଥକ ବସ୍ତୁକୁ ବ୍ୟୟ କରିବାରେ କାହାରିକୁ କୌଣସି ପୁଣ୍ୟ ଲାଭ ହେବାର କେହି ଦାବି କରିପାରିବ ନାହିଁ । **ମନେରଖ ପୁଣ୍ୟ ଅର୍ଜନ କରିବାର ପଥ ସଙ୍କିର୍ଣ୍ଣ ।** ସୁତରାଂ ଏହି କଥାକୁ ମନରେ ଗଣ୍ଠି କରିନିଅ ଯେ, ନଗଣ୍ୟ ଓ ବ୍ୟର୍ଥ ସାମଗ୍ରୀର ବ୍ୟୟ କରି କେହିହେଲେ ମଧ୍ୟ ଏହି (ଦ୍ୱାରରେ) ପ୍ରବେଶ କରିପାରିବ ନାହିଁ । କାରଣ ଏହା ବିଧାତାଙ୍କ ଧାର୍ଯ୍ୟ ବିଧାନ ଯେ, ଲନ୍‌ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମାତୁହିବ୍‌ବୁନ୍ ଅର୍ଥାତ ଯେପର୍ଯ୍ୟନ୍ତ ନିଜର ଅତି ପ୍ରିୟ ବସ୍ତୁକୁ ବ୍ୟୟ କରି ନାହଁ ସେପର୍ଯ୍ୟନ୍ତ ପ୍ରିୟତମ ଓ ପରମ ଶଖା ହେବାର ସ୍ତର ଲାଭ କରିପାରିବ ନାହିଁ । ହୁଜୁର[ଅ.ସ] କହିଲେ; କ'ଣ

ସାହାବାମାନେ ମୋଫତରେ ସେହି ସ୍ତର (ଉଚ୍ଚାସନ)ରେ ଉପନୀତ ହୋଇଗଲେ ? ଦେଖ ସାଂସାରିକ ଉପାଧି ହାସଲ କରିବା ନିମନ୍ତେ କିପରି ବ୍ୟୟ ଅଟକଳ, ପରିଶ୍ରମ ଓ କଷ୍ଟ ସହ୍ୟ କରିବାକୁ ପଡିଥାଏ ତେବେଯାଇ ଏକ ମାମୁଲି ଉପାଧି, ଯେଉଁଥିରୁ (ପ୍ରକୃତ) ଆତ୍ମଶାନ୍ତି ଓ ତୃପ୍ତି ମଧ୍ଯ ହାସଲ ହୋଇ ନଥାଏ, ମିଳିଥାଏ । ତେଣୁ ଚିନ୍ତାକର ଯେ ରଜିଅଲ୍ଲାହୁ ଅନ୍‌ହୁମ୍‌ର ମର୍ଯ୍ୟାଦା ଯାହାକି ହୃଦୟକୁ ପୂର୍ଣ୍ଣ ଶାନ୍ତି ଓ ଆତ୍ମତୃପ୍ତି ତଥା ନିଜ ସୃଷ୍ଟିକର୍ତ୍ତାଙ୍କ ପ୍ରୀତିଭାଜନର ଚିହ୍ନ ଓ ପ୍ରତୀକ, ତାହା ତାଙ୍କୁ ଏମିତି ସହଜରେ ପ୍ରାପ୍ତ ହୋଇଗଲା ? ହୁଜୁର[ଅ.ସ] କହିଲେ; ପରମେଶ୍ୱରଙ୍କୁ (କଦାପି) ଠକା ଯାଇପାରେ ନା, କଲ୍ୟାଣମୟ ସେହି ଲୋକମାନେ ଯେ ପ୍ରଭୁଙ୍କ ପ୍ରସନ୍ନତା ଲାଭ କରିବା ସକାଶେ ଦୁଃଖକଷ୍ଟ ସହ୍ୟ କରିବାକୁ ମଧ୍ଯ ଭୃକ୍ଷେପ କରନ୍ତି ନାହିଁ । ଜଗତରେ ମନୁଷ୍ୟ ଧନକୁ ଅତ୍ୟଧିକ ପ୍ରେମ କରିଥାଏ ତେଣୁ ସ୍ୱପ୍ନ ବ୍ୟାଖ୍ୟାକାରମାନେ ଉଲ୍ଲେଖ କରିଛନ୍ତି ଯେ, ଯଦି କୌଣସି ବ୍ୟକ୍ତି ସ୍ୱପ୍ନରେ ଦେଖେ କି ସେ ନିଜ କଲିଜା କାଢ଼ି କାହାରିକୁ ଦାନ କରି ଦେଇଛି ତେବେ ତାହାର ଯଥାର୍ଥ ଧନ ଅଟେ ।

ଆଜି ଜମାଅତ ଅହେମଦିୟା ସଦସ୍ୟବୃନ୍ଦ ସଠିକ୍ ରୁପେ ବୁଝି ପାରିଛନ୍ତି ଯେ, ପ୍ରକୃତ ସତ୍‌କର୍ମ ପର୍ଯ୍ୟନ୍ତ ପହଞ୍ଚିବା ନିମନ୍ତେ ସେହି ବସ୍ତୁଗୁଡ଼ିକର ବ୍ୟୟ କରିବା ନିତ୍ୟାନ୍ତ ଜରୁରୀ, ଯାହାକି ତୁମର ଅତି ପ୍ରିୟ । ଏହା ନିଶ୍ଚିତ ରୂପେ ହଜରତ ମସିହ ମଉଦ[ଅ.ସ]ଙ୍କ ତରବିୟତ୍‌ର ପ୍ରଭାବ ଯେ, ଏଯାବତ୍ ସେହି ବଳିଦାନର ସ୍ତର ଆମେମାନେ ଦେଖି ଆସୁଅଛେ ଯାହାକି ନବୀଶ୍ରେଷ୍ଠଙ୍କ ଅନୁଚରମାନେ ନିର୍ଦ୍ଧାରିତ କରିଥିଲେ ଏବଂ ପୁନଶ୍ଚ ଚଳିତ ଯୁଗରେ ହଜରତ ମସିହ ମଉଦ[ଅ.ସ]ଙ୍କ ସାହାବାମାନେ ତାହାର ପୁନଃ ପ୍ରତିଷ୍ଠା କଲେ । ସେଥିଅନ୍ତେ ଖିଲାଫତ୍ କାଳରେ ମଧ୍ଯ ଆମେମାନେ ସେହି (ରକମର) ବଳିଦାନ ସ୍ୱଚକ୍ଷୁରେ ଅବଲୋକନ କରୁଅଛେ । ଆଉ ଆଜି ପର୍ଯ୍ୟନ୍ତ ସେହି ବଳିଦାନ ଆମମାନଙ୍କ ଦୃଷ୍ଟିଗୋଚର ହେଉଅଛି ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ମୁଁ ଏକଥା ଭଲ ଭାବରେ ବୁଝି ପାରୁଛି ଯେ, ଲୋଭ ଓ ବିଶ୍ୱାସ ଗୋଟିଏ ହୃଦୟରେ ଏକତ୍ରିତ ହୋଇପାରିବ ନାହିଁ... ଆମ ସମ୍ପ୍ରଦାୟକୁ ଆବଶ୍ୟକ କି ପ୍ରତ୍ୟେକ ପ୍ରକାରରେ ଏହି ଜମାଅତର ସେବା (ସାହାଯ୍ୟ ଓ ସହଯୋଗ) କରନ୍ତୁ । ଏହି ମାର୍ଗରେ ଅର୍ଥଦାନ କରିବାକୁ କଦାପି ଦୁର୍ବଳତା କି ଅବହେଳା ପ୍ରଦର୍ଶନ କରିବା ଉଚିତ୍ ନୁହେଁ । ଦେଖ ! ସଂସାରରେ କୌଣସି ଅନୁଷ୍ଠାନ ବିନା ଅର୍ଥରେ ଅଗ୍ରଗତି କରିପାରି ନଥାଏ.. ସମସ୍ତ ଅବତାରମାନଙ୍କ କାଳରେ ଚାନ୍ଦା ଏକତ୍ରିତ କରାଗଲା । ସୁତରାଂ ଆମ ଜମାଅତର ଲୋକମାନଙ୍କୁ ଏକଥା ସ୍ମରଣ ରଖିବା ଅନିବାର୍ଯ୍ୟ । ଯଦି ଏମାନେ ନିୟମିତ ରୂପେ ବର୍ଷକୁ ଗୋଟିଏ ଗୋଟିଏ ପଇସା ମଧ୍ଯ ପ୍ରଦାନ କରନ୍ତି ତେବେ ଅନେକ କିଛି (କାର୍ଯ୍ୟ) ସମ୍ପାଦିତ ହୋଇଯିବ । ଏହି ପରିପ୍ରେକ୍ଷୀରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ପ୍ରଥମ ଖଲିଫା [ର.ଅ]ଙ୍କର କରିଥିବା ବଳିଦାନ ସଂକ୍ରାନ୍ତରେ ହଜରତ ମସିହ ମଉଦ[ଅ.ସ]ଙ୍କର କେତେକ କଥନ ଉପସ୍ଥାପନ କଲେ । ଜମାଅତ ଅହେମଦିୟାର ପ୍ରଥମ ଖଲିଫା ଏକଦା ନିଜ ମୁନିବ ହଜରତ ମସିହ ମଉଦ[ଅ.ସ]ଙ୍କୁ ପତ୍ର ଲେଖିଲେ; ମହାଶୟ ହେ ମୋର ପ୍ରିୟ ମୁନିବ, ମୋର ମାର୍ଗଦର୍ଶକ ! ମୁଁ ସ୍ୱଚ୍ଛ ଓ ପବିତ୍ର ହୃଦୟରୁ କହୁଅଛି, ଯେ ଯଦି ମୋର ସମସ୍ତ ଧନସମ୍ପତ୍ତି ଧର୍ମ (ଇସଲାମ୍)ର ପ୍ରଚାର ପ୍ରସାରରେ ବିନିଯୋଗ ହୋଇଯାଏ ତେବେ ମୁଁ ନିଜ ଉଦ୍ଦେଶ୍ୟ ପ୍ରାପ୍ତ କରିନିଅନ୍ତି ।

ଜମାଅତ ଅହେମଦିୟାର ଦ୍ୱିତୀୟ ଖଲିଫା ଯେତେବେଳେ ଓ୍ୱକ୍‌ଫେ ଜଦିଦ୍ ଓ ତହ୍‌ରିକେ ଜଦିଦ୍ ପାଣ୍ଠିର ଶୁଭାରମ୍ଭ କଲେ ସେତେବେଳେ କେତେକ ଅଭାବୀ ଓ ଗରିବ ଲୋକମାନେ ଅଳ୍ପ ଅଳ୍ପ ରାଶି ଦାନ କରିଥିଲେ । ଆଉ କେହି କୁକୁଡ଼ା ଆଣି ଦେଲେ ତ କେହି ଅଣ୍ଡା ଆଣି ଦେଇଗଲେ କି ଆମ ନିକଟରେ ଯାହାକିଛି ଥିଲା, ତାହା ଆମେ ନେଇ ଆସିଛୁ । ଏହି ପରିପ୍ରେକ୍ଷୀରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ହଜରତ ଖଲିଫା ରଶିଦୁଦ୍ଦିନ୍ ସାହେବ [ର.ଅ]ଙ୍କ ଅର୍ଥଦାନର ବିସ୍ତୃତ ବ୍ୟାଖ୍ୟା ବର୍ଣ୍ଣନା କଲେ । ଅଧିକନ୍ତୁ ସାହାବା ଓ ଗୁରୁଜନମାନଙ୍କର କେତେକ ଘଟଣା ଚର୍ଚ୍ଚା କଲେ କି ଆଜି ମଧ୍ଯ ଆମମାନଙ୍କୁ ସେପରି ନମୁନା ସ୍ଥାନେ ସ୍ଥାନେ ମିଳୁଅଛି । ଆଉ ସେହି (ବଳିଦାନ)ର

ଆତ୍ମା ଆଜି ମଧ୍ୟ ଅହେମଦିମାନଙ୍କ ଠାରେ ଦୃଶ୍ୟମାନ ହେଉଅଛି । ଏଥିଅନ୍ତେ ହୁଜୁର ଅନଓ୍ୱର[ଅ.ବ] ମାରଶଲ୍ ଆଇଲ୍ୟାଣ୍ଡ, କାଜାକିସ୍ତାନ, କେମରୁନ୍, ନାଇଜର୍, ଗେମ୍ବିଆ, ତାଞ୍ଜାନିଆ, ଚେକ୍ ରିପବ୍ଲିକ୍ ଆଦି ଦେଶମାନଙ୍କରେ ବାସ କରୁଥିବା ନିଷ୍ଠାପର ବଳିଦାନକାରୀଙ୍କ ବିଶ୍ୱାସବର୍ଦ୍ଧକ ଘଟଣା ଚର୍ଚ୍ଚା କଲେ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଭାରତରୁ ସେଠାକାର ଜଣେ ଇନ୍‌ସ୍ପେକ୍ଟର ସାହେବ ଉଲ୍ଲେଖ କରିଛନ୍ତି, ଆମର ଜଣେ ବନ୍ଧୁଙ୍କର ଓ୍ୱକ୍‌ଫେ ଜଦିଦ୍‌ର ଚାନ୍ଦା ୨୪୦୦୦/- ଟଙ୍କା ଦୈଠ କରିବା ବାକି ଥିଲା । ତାଙ୍କ ନିକଟରେ କିଛି ଅର୍ଥ ଥିଲା, ଯାହାକି ଏକ ଜରୁରୀ କାମ ପାଇଁ ସେ ରଖିଥିଲେ । କିନ୍ତୁ ଅଲ୍ଲାଃଙ୍କ ଉପରେ ଭରସା କରି ସେ ଉକ୍ତ ରାଶି ଏହି ପାଣ୍ଠିରେ ପ୍ରଦାନ କରିଦେଲେ । ତା'ପରଦିନ ହିଁ ତାଙ୍କ ବ୍ୟବସାୟର ଏକ ମୋଟା ଅଙ୍କର ରାଶି କେଉଁ ଠାରେ ଫଶି ରହିଥିଲା ତାହା ହଠାତ୍ ତାଙ୍କୁ ପ୍ରାପ୍ତ ହୋଇଗଲା । ତେବେ ପ୍ରଭୁଙ୍କ ଉପରେ ଆସ୍ଥା ରଖିଲେ, ସେ ନିଜ ଭକ୍ତଙ୍କ ସହିତ ଏପରି ଆଚରଣ କରିଥାନ୍ତି କି ତୁମେ ମୋ ସକାଶେ ଧନ ପିପାସୁ ଭାବନାକୁ ଯଦି ତ୍ୟାଗ କରୁଅଛ ଏବଂ ନିଜ ବ୍ୟକ୍ତିଗତ ଆବଶ୍ୟକତାକୁ ପଛରେ ରଖି ଜମାଅତର ଆବଶ୍ୟକତା ପୂରଣ କରିବାକୁ ପ୍ରଚେଷ୍ଟିତ ତେବେ ମୁଁ ତୁମର ସାହାଯ୍ୟ କରୁଅଛି । ଏପରି ଐଶ୍ୱର୍ଯ୍ୟମୟ ପ୍ରଭୁ ସାହାଯ୍ୟ କରିଥାନ୍ତି । ତେବେ ଜମାଅତର ଯେପରି ଖର୍ଚ୍ଚ ହେଉଅଛି, ମସଗ୍ର ବିଶ୍ୱରେ ଆମର ଯେଉଁ ମିଶନ୍ ହାଉସ୍ ନିର୍ମାଣ ହେଉଅଛି ସେସବୁ ଓ୍ୱକ୍‌ଫେ ଜଦିଦ୍ ଓ ତହ୍‌ରିକେ ଜଦିଦ୍ ପାଣ୍ଠିର ଚାନ୍ଦା ଦ୍ୱାରା ହିଁ ସାଧିତ ହେଉଅଛି । ଯାହାକି ମର୍କଜ୍ ପାଣ୍ଠିକୁ ଆସିଥାଏ, ବାକି ରାଶି ସ୍ଥାନୀୟ ଅଞ୍ଚଳରେ ଖର୍ଚ୍ଚ ହୋଇଥାଏ । ଏସମସ୍ତ ବ୍ୟୟ ଅଟକଳ ଏହିସବୁ ଚାନ୍ଦା ଦ୍ୱାରା ସମ୍ପନ୍ନ ହୋଇଥାଏ । ଆଫ୍ରିକା ଦେଶମାନଙ୍କରେ ଯେଉଁସ୍ଥଳେ ଗରିବ ଲୋକମାନେ ଯଦିଚ ସେମାନେ ମଧ୍ୟ ଚାନ୍ଦା ଦେଇଥାନ୍ତି କିନ୍ତୁ ଅଭାବ ହେତୁ ସେଠାରେ ରହିଥିବା ମସଜିଦ୍ ଓ ମିଶନ୍ ହାଉସ୍‌ଗୁଡ଼ିକୁ ଚଳାଇବା ନିମନ୍ତେ ଅର୍ଥର ଆବଶ୍ୟକତା ପଡିଥାଏ । ଆଫ୍ରିକାରେ ବର୍ତ୍ତମାନ ସୁଦ୍ଧା ୭୯୫୩ଗୋଟି ମସଜିଦ୍ ଓ ମିଶନ୍ ହାଉସ୍ ନିର୍ମାଣ ହୋଇସାରିଛି ଏବଂ ୩୦୬ଗୋଟି ମସଜିଦ୍ ନିର୍ମାଣଧୀନ ରହିଛି ତଥା ୧୮୬୦ଗୋଟି ମିଶନ୍ ହାଉସ୍ କାର୍ଯ୍ୟରତ । ଆଉ ୪୦୦କେନ୍ଦ୍ରିୟ ମୁବଲ୍ଲିଗ୍ ଓ ୨୦୦୦ରୁ ଉର୍ଦ୍ଧ୍ୱ ମୌଅଲିମ୍ ନିଜ ସେବାରେ ନିୟୋଜିତ । ଏହିପରି କାଦିୟାନ, ଦକ୍ଷିଣ ଆମେରିକା, ଉପଦ୍ୱୀପ ଇତ୍ୟାଦି ଦେଶମାନଙ୍କରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ (ବହୁଳ ପରିମାଣରେ) ଅର୍ଥ ବିନିଯୋଗ ହେଉଅଛି । ଏତାଦୃଶ ପତ୍ରିକା ପ୍ରକାଶ ଓ ବର୍ଣ୍ଟନରେ ଅର୍ଥ ଖର୍ଚ୍ଚ ହେଉଅଛି । ଏସମସ୍ତ ଖର୍ଚ୍ଚ ଅଲ୍ଲାଃତାଲା ସ୍ୱୟଂ ନିଜ କୃପା ଓ ଆଶିଷ ଦ୍ୱାରା ପୂରଣ କରି ଚାଲିଛନ୍ତି ।

ଅଲ୍ଲାଃତାଲା ହଜରତ ମସିହ ମଉଦ [ଅ.ସ]ଙ୍କୁ ଏହି କଥା କହିଥିଲେ ଯେ, ଅର୍ଥ ତ ମୁଁ ତୁମ୍ଭକୁ ପ୍ରଦାନ କରିବି ଏବଂ ସେ ନିଜର ପ୍ରତିଶୃତି ମୁତାବକ ତାହା ପ୍ରଦାନ କରିଚାଲିଛନ୍ତି । ଅଲ୍ଲାଃତାଲା ଜମାଅତକୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ତାହାକୁ ସଠିକ୍ ମାର୍ଗରେ ବିନିଯୋଗ କରିବା ଏବଂ ଏଥିରେ କଦାପି କୌଣସି ପ୍ରକାର ଅନିୟମିତତା ଦେଖା ନଦେଉ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଓ୍ୱକ୍‌ଫେ ଜଦିଦ୍‌ର ଗତବର୍ଷର ରିପୋର୍ଟ ଉପସ୍ଥାପନ କରି କହିଲେ; ଅଲ୍ଲାଃତାଲାଙ୍କ କୃପାରୁ ଏହା ଓ୍ୱକ୍‌ଫେ ଜଦିଦ୍‌ର ୬୭ତମ ବର୍ଷ ଶେଷ ହେଲା । ଚଳିତ ବର୍ଷ ବିଶ୍ୱବ୍ୟାପୀ ଜମାଅତ ଅହେମଦିୟା ଅଲ୍ଲାଃତାଲାଙ୍କ ସମକ୍ଷ ଏକ କୋଟି ୩୬ଲକ୍ଷ ୮୧ହଜାର ପାଉଣ୍ଡ୍ ଅର୍ଥାତ ପାଖାପାଖି ୧୪ମିଲିୟନ୍ ଅର୍ଥଦାନ କରିବାର ସାମର୍ଥ୍ୟ ଲାଭ କରିଛି । ଏହି ଆଦାୟ ଗତବର୍ଷ ତୁଳନାରେ ସାତ ଲକ୍ଷ ୩୬ହଜାର ପାଉଣ୍ଡ୍ ଅଧିକ ଏବଂ ମୋଟ ଯୋଗଦାନକାରୀଙ୍କ ସଂଖ୍ୟା ୧୫ଲକ୍ଷ ୫୧ହଜାର ରହିଛି । ଅଲହମ୍‌ଦୁଲିଲ୍ଲାଃ !

ଆଦାୟ ଦୃଷ୍ଟିକୋଣରୁ ପ୍ରଥମ ଦଶଗୋଟି ଜମାଅତ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି- ଇଂଲଣ୍ଡ, କାନେଡ଼ା, ଜର୍ମାନୀ, ଆମେରିକା, ଭାରତ, ଅଷ୍ଟ୍ରେଲିଆ, ମଧ୍ୟଏସିଆର ଏକ ଜମାଅତ, ଇଣ୍ଡୋନେସିଆ, ମଧ୍ୟଏସିଆର ଆଉ ଏକ ଜମାଅତ ଏବଂ ବେଲଜିୟମ୍ ଇତ୍ୟାଦି । ଯୋଗଦାନକାରୀଙ୍କ ସଂଖ୍ୟାରେ ଅଭିବୃଦ୍ଧି ଦୃଷ୍ଟିକୋଣରୁ ବିଶିଷ୍ଟ ସ୍ଥାନ ଅଧିକାର କରିଥିବା ଜମାଅତଗୁଡ଼ିକ ହେଲେ- ପାକିସ୍ତାନ, ନାଇଜେରିଆ, କେମରୁନ୍, ସେରେଲିଓନ୍, ଗେମ୍ବିଆ ଓ କଙ୍ଗୋ ବ୍ରାଜ୍‌ଭିଲ୍ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

ଭାରତର ପ୍ରଥମ ଦଶଗୋଟି ରାଜ୍ୟ ମଧ୍ୟରେ କେରଳ ପ୍ରଥମ ତା'ପରେ ତାମିଲ୍‌ନାଡୁ, ଜମ୍ମୁକାଶ୍ମିର, କର୍ଣ୍ଣାଟକ, ତେଲେଙ୍ଗାନା, **ଓଡ଼ିଶା**, ପଞ୍ଜାବ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶ ଆଦି ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି । ଭାରତର ପ୍ରଥମ ଦଶଗୋଟି ଜମାଅତ ମଧ୍ୟରେ କୋଏମ୍ବଟୁର, କାଦିୟାନ୍, ହାଇଦ୍ରାବାଦ୍, କାଲିକଟ୍, ମଞ୍ଜେରୀ, ବ୍ୟାଙ୍ଗଲୋର, ମେଲାପାଲମ୍, କଲିକତା, **କେରଙ୍ଗ** ଓ କରୁଲାଇ ଆଦି ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ଏସମସ୍ତ ବଳିଦାନକାରୀଙ୍କ ଧନସମ୍ପତ୍ତିରେ ଅଜସ୍ର ବରକତ୍ ପ୍ରଦାନ କରନ୍ତୁ । ନୂତନ ବର୍ଷ ଆରମ୍ଭ ହେବା ସଂକ୍ରାନ୍ତରେ ହୁଜୁର ଦୁଆ କରିବାକୁ ଆହ୍ୱାନ ଜଣାଇ କହିଲେ; ଏହି ନବବର୍ଷ ଅର୍ଥାତ ୨୦୨୫ ମସିହା ଜମାଅତ ପାଇଁ ଅଶେଷ କଲ୍ୟାଣ ଘେନିଆଣୁ । ଅଲ୍ଲାଃତାଲା (ଶତ୍ରୁର) ପ୍ରତ୍ୟେକ ଖଳ ଓ କୁଯୋଜନାରୁ ଜମାଅତକୁ ସୁରକ୍ଷିତ ରଖନ୍ତୁ । ପାକିସ୍ତାନରେ କଠୋରବାଦୀ ଓ ଚରମପନ୍ଥୀ ଦଳ ବିଭିନ୍ନ କୁଯୋଜନା ପ୍ରସ୍ତୁତ କରିଚାଲିଛନ୍ତି । ଅଲ୍ଲାଃତାଲା ସେ ସମସ୍ତ ଅତ୍ୟାଚାରୀମାନଙ୍କର ଶୀଘ୍ର ଧରପଗଡ଼ କରନ୍ତୁ ଏବଂ ଅହେମଦିମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ରବୱ୍ବା ଉପରେ ମଧ୍ୟ ସେମାନେ ନିଜର ଗଭୀର ଦୃଷ୍ଟି ରଖିଛନ୍ତି । ଅଲ୍ଲାଃତାଲା ତାହାର ମଧ୍ୟ ସୁରକ୍ଷା କରନ୍ତୁ । ଅଧିକନ୍ତୁ କହିଲେ; କିଛି ଅବଧି ପୂର୍ବେ ମୁଁ ଦରୁଦ୍ ଶରିଫ୍ ଓ ଅନ୍ୟ କେତେକ ଦୁଆ ପାଠ (ଆବୃତ୍ତି) କରିବାକୁ ଧ୍ୟାନ ଆକର୍ଷିତ କରିଥିଲି । ଏହିପରି ପାକିସ୍ତାନ, ବଙ୍ଗଳାଦେଶ, ସିରିୟା ଓ ଆଫ୍ରିକା ତଥା ଅନ୍ୟାନ୍ୟ ଦେଶମାନେ ରହିଛନ୍ତି, ଅଲ୍ଲାଃତାଲା ପ୍ରତ୍ୟେକ ସ୍ଥଳେ ଅହେମଦିମାନଙ୍କୁ ସୁରକ୍ଷିତ ରଖନ୍ତୁ । ପ୍ରତ୍ୟେକ ଅହେମଦିର କର୍ତ୍ତବ୍ୟ ଯେ, ସେ ନିଜ ପାଇଁ ମଧ୍ୟ ବିଶେଷ ରୂପେ ଦୁଆ କରୁ ତଥା ନିଜ ଦେଶ ଏବଂ ବିଶ୍ୱର ଅବସ୍ଥା ସାମାନ୍ୟ ହେବା ଓ ଯୁଦ୍ଧର ଉତ୍କଟ ପରିସ୍ଥିତି (ଦୂର ହେବା ପାଇଁ) ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ଯୁଦ୍ଧର କୁପରିଣତିରୁ ନିରୀହ, ସରଳ ଓ ଅତ୍ୟାଚାରିତମାନଙ୍କୁ ସୁରକ୍ଷିତ ରଖନ୍ତୁ ।

ସେମାନେ ନୂତନ ବର୍ଷ ଅତି ଆଡ଼ମ୍ବର ପୂର୍ଣ୍ଣତାର ସହିତ ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ କେବଳ ନିଜ ଖୁସି ପ୍ରତି ଧ୍ୟାନ ଦେଇଥାନ୍ତି । ଅନ୍ୟର ଦୁଃଖ ଦରଦକୁ ତ ସେମାନେ ଅନୁଭବ ହିଁ କରୁନାହାନ୍ତି । ଶକ୍ତିଶାଳୀ ଗୋଷ୍ଠୀ ତ ଗରିବ ଏବଂ ଦଳିତମାନଙ୍କ ଉପରେ ଅନ୍ୟାୟ ଓ ଅତ୍ୟାଚାର କରିଚାଲିଛନ୍ତି । ଅଲ୍ଲାଃତାଲା ଚଳିତ ବର୍ଷ ସେ ସମସ୍ତ ପ୍ରତିପତ୍ତିଶାଳୀ ଗୋଷ୍ଠୀର ଯୋଜନାଗୁଡ଼ିକୁ ଧୂଳିସାତ କରିଦିଅନ୍ତୁ ଏବଂ ପରମେଶ୍ୱରଙ୍କ ଏକଶ୍ୱରବାଦକୁ ଆମେ ସଂସାରରେ ଦୃଢ଼ତାର ସହିତ ସ୍ଥାପିତ ହେବାର ଅବଲୋକନ କରିନେଉ । ଅଲ୍ଲାଃତାଲା ଆମମାନଙ୍କୁ ଏଥିନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

3rd January 2025

*Translated to Odia by :* Moulavi Anwar Ahmad Khan